# ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତି–୨୦୧୬

### ଦୃଶ୍ୟପଟ

ଓଡ଼ିଶାର ବରିଷ୍ଠ ନାଗରିକଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସ୍ୱଷ୍ଟ, ବିସ୍ତୃତ ଓ ଉତ୍ସାହପ୍ରଦ ସାମାଜିକ ମୌଳିକ ପଦ୍ଧତିର ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରାଯାଉଅଛି ।

### ଆଭିମୁଖ୍ୟ

ବରିଷ୍ଠ ନାଗରିକମାନଙ୍କ ଅଂଶଗ୍ରହଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରି ସୁଶୃଙ୍ଖଳିତ କରିବା, ନିଷ୍ପତ୍ତିମୂଳକ ସେବା ପ୍ରଦାନ ଏବଂ ସମ୍ବେଦନଶୀଳ ଉଦ୍ୟମର ପରିକଳ୍ପନା ।

### ଲକ୍ଷ୍ୟ

ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତି–୨୦୧୬ ସ୍ୱୀକାର କରେ ଯେ, ବରିଷ୍ଠ ନାଗରିକମାନେ ସେମାନଙ୍କର ଦାରିଦ୍ର୍ୟ ଓ ଅସୁରକ୍ଷିତ ଭାବ ଦୂର କରିବାକୁ, ସେମାନଙ୍କର ସ୍ୱାସ୍ଥ୍ୟ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଭରସାଯୋଗ୍ୟ ସହାୟତା ବ୍ୟବସ୍ଥା ଆବଶ୍ୟକ କରନ୍ତି, ଯାହାଦ୍ୱାରା ସେମାନେ କ୍ରିୟାଶୀଳ ନାଗରିକଭାବେ ତତ୍ପରତାର ସହ ସାମାଜିକ ବିଧି ବ୍ୟବସ୍ଥାରେ ନିଜକୁ ସାମିଲ କରିପାରିବେ । ତେଣୁ ଏହା ବୟସ୍କମାନଙ୍କ ଆବଶ୍ୟକତା ଅନୁସାରେ ସେମାନଙ୍କୁ ସଂକଟକାଳୀନ ସହଯୋଗ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଚାହେଁ । ଗ୍ରାମାଞ୍ଚଳରେ ସେବା ଯୋଗାଉଥିବା ସଂସ୍ଥାମାନଙ୍କ କ୍ଷମତା ବୃଦ୍ଧି ଦିଗରେ ଯତ୍ନ କରିବା ଦରକାର, ଯାହାଦ୍ୱାରା ସେମାନେ ଉଚ୍ଚମାନର ଯୁକ୍ତିଯୁକ୍ତ ସେବା ବରିଷ୍ଠ ନାଗରିକମାନଙ୍କୁ ଯୋଗାଇ ପାରିବେ, ଉପଯୁକ୍ତ ପରିବେଶ ସୃଷ୍ଟି କରି ସେମାନଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ସଂପୃକ୍ତି ପାଇଁ ସହାୟତା କରିବେ, ବୟସ୍କା ମହିଳାଙ୍କ ସଂଖ୍ୟାବୃଦ୍ଧି କାରଣରୁ ଲିଙ୍ଗଗତ ଗୁରୁତ୍ୱକୁ ଠିକ୍ ବିବେଚନା କରି ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ଇଚ୍ଛା କରୁଥିବା ଦ୍ରବ୍ୟାଦି ଯୋଗାଇପାରିବେ ଏବଂ ସର୍ବୋପରି ମନସ୍ତାତ୍ତ୍ୱିକ ସମର୍ଥନ ଓ ଅନୌପଚାରିକ ଯତ୍ନଦ୍ୱାରା ବୟସ୍କମାନଙ୍କ ପ୍ରତି ସମ୍ମାନବୋଧ ଓ ପାରିବାରିକ ମୂଲ୍ୟବୋଧ ପ୍ରତିଷ୍ଠା ଦିଗରେ ଯତ୍ନଶୀଳ ହେବେ । କାର୍ଯ୍ୟକ୍ରମ ରୂପାୟନରେ ବିଭିନ୍ନ ସଂସ୍ଥାକୁ ସାମିଲ୍ କରିବାକୁ ହେବ, ଯଥା– ବିଭିନ୍ନ ସରକାରୀ ବିଭାଗ, ବେସରକାରୀ ସଂସ୍ଥା ତଥା ଗୋଷ୍ଠୀଗତ ଅନୁଷ୍ଠାନ । ଏହାର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ ଅନୁଷ୍ଠାନମାନଙ୍କର କ୍ଷମତାର ବିକାଶ ଆବଶ୍ୟକ ।

### ଉଦ୍ଦେଶ୍ୟ

ଓଡ଼ିଶା ଆଧୁନିକୀକରଣ ଓ ବୟୋବୃଦ୍ଧ ନାଗରିକମାନଙ୍କ ସଂଖ୍ୟା ଯୋଗୁଁ ଅସାଧାରଣ ଆହ୍ୱାନର ସମ୍ମୁଖୀନ, କାରଣ ଉଲ୍ଲେଖଯୋଗ୍ୟ ପରିମାଣର ବୟସ୍କ ବ୍ୟକ୍ତି ଆର୍ଥିକ ଦୃଷ୍ଟିରୁ ଅନ୍ୟ ଉପରେ ନିର୍ଭର କରନ୍ତି ଅଥବା ଦାରିଦ୍ର୍ୟ ମଧ୍ୟରେ ଦିନ କାଟନ୍ତି । ତେଣୁ ସାମାଜିକ ନିରାପତ୍ତା ପାଇଁ ପଦକ୍ଷେପ ମାଧ୍ୟମରେ ବୟସ୍କମାନଙ୍କ ଜୀବନରେ ସମ୍ମାନ ଓ ସ୍ୱାଧୀନତା ନିଶ୍ଚିତ କରିବା ଏକାନ୍ତ ଅପରିହାର୍ଯ୍ୟ ।

ସ୍ୱଷ୍ଟ ଓ ସଠିକ୍ ଭାବରେ ପ୍ରଣୀତ 'ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତି–୨୦୧୬' ଅନେକ ଜଣାଶୁଣା ଆହ୍ୱାନକୁ ଯଥା– ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି, ପରିବର୍ତ୍ତିତ ସାମାଜିକ ଓ ଅର୍ଥନୈତିକ ଗଠନ ଶୈଳୀ, ଚିକିତ୍ସା ବିଜ୍ଞାନର ଅଗ୍ରଗତି

ଫଳରେ ବୟସ୍କମାନଙ୍କ ଜୀବନକାଳ ବୃଦ୍ଧି, ଛୋଟ ଏକକ ପରିବାର ସଂଖ୍ୟା ବଢ଼ିବା ଫଳରେ ବୟୋବୃଦ୍ଧମାନଙ୍କ ପ୍ରତି ସହାୟତା ଓ ଯତ୍ନର ଅଭାବ, ରାଜ୍ୟର ସହର ଓ ଗ୍ରାମାଞ୍ଚଳ, ଉଭୟ ସ୍ଥାନରେ ବୟସ୍କ ନିଃସ୍ୱ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ଇତ୍ୟାଦି ପ୍ରସଙ୍ଗଗୁଡ଼ିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । ତଥ୍ୟରୁ ଜଣାଯାଏ ଯେ ବୟସ୍କ ପୁରୁଷମାନଙ୍କ ଅପେକ୍ଷା ବୟସ୍କା ମହିଳାମାନେ ଅଧିକ ଅସୁରକ୍ଷିତଭାବେ ରହିଛନ୍ତି, ଯେହେତୁ ଜୀବନ ଧାରଣ ନିମନ୍ତେ ସେମାନଙ୍କର କିଛି ସ୍ୱତନ୍ତ୍ର ଉପାର୍ଜନର ମାଧ୍ୟମ ନଥାଏ ଏବଂ ଅଧିକାଂଶ ସେମାନଙ୍କର ନିତିଦିନର ଚଳଣି ପାଇଁ ନିଜର ସ୍ୱାମୀ ବା ପିଲାଙ୍କ ଉପରେ ନିର୍ଭର କରିଥା'ନ୍ତି ।

ସହର ଓ ଗ୍ରାମାଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକଙ୍କ ସମସ୍ୟାବଳୀକୁ ପ୍ରସ୍ତାବିତ ନୀତି ଅନୁଧ୍ୟାନ କରିବାକୁ ଚାହେଁ । ଏଥିରେ ଅତ୍ୟଧିକ ବୃଦ୍ଧ, ଅକ୍ଷମ ଓ ମହିଳାମାନଙ୍କ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ନୀତି ଯୁବ ପିଢ଼ି ଓ ବରିଷ୍ଠମାନଙ୍କ ମଧ୍ୟରେ ଏକତ୍ୱଭାବକୁ ଦୃଢ଼ୀଭୂତ କରିବାକୁ ଆନ୍ତରିକ ଉଦ୍ୟମ କରିଛି ଏବଂ ବୟସ୍କମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ, ସାହାଯ୍ୟ ସହଯୋଗ, ସାମାଜିକ ନିରାପତ୍ତାକୁ ନିଶ୍ଚିତ କରିଅଛି । ଏହି ନୀତି ମୁଖ୍ୟତଃ ସହର ଓ ଗ୍ରାମାଞ୍ଚଳର ସେହି ଅଂଶରେ ପହଞ୍ଚିବାକୁ ଚାହେଁ ଯେଉଁଠାରେ ବରିଷ୍ଠ ନାଗରିକମାନେ ସେମାନଙ୍କ ଜୀବନର ଶେଷ ଭାଗରେ ଉପଯୁକ୍ତ ଆର୍ଥିକ, ସାମାଜିକ ଓ ପାରିବାରିକ ସହଯୋଗ ପାଇଁ ଅପେକ୍ଷା କରି ରହିଛନ୍ତି ।

## ଏହି ନୀତିର ମୁଖ୍ୟ ଅଭିପ୍ରାୟଗୁଡିକ ହେଲା –

୧. ଆବଶ୍ୟକୀୟ ସହଯୋଗ ପ୍ରକ୍ରିୟା ମାଧ୍ୟମରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ ଓ ସେମାନଙ୍କ ସ୍ୱାଭିମାନ ପ୍ରତି ଦୃଷ୍ଟିଦେବା ।

୨. ବରିଷ୍ଠ ନାଗରିକମାନେ ହିଁ ଦେଶର ମୂଲ୍ୟବାନ ସମ୍ପଦ ବୋଲି ସ୍ୱୀକାର କରି ଏଥିପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ହେବ, ଯାହାଦ୍ୱାରା ସେମାନେ ସ୍ୱାଭିମାନ, ସ୍ୱାଧୀନତା, ସମାନ ସୁଯୋଗ, ଅଧିକାର ହାସଲ କରିବା ସହ ସାମାଜିକ ପ୍ରକ୍ରିୟାରେ ନିଜକୁ ସାମିଲ୍ କରିପାରିବେ ।

୩. ବରିଷ୍ଠ ନାଗରିକମାନଙ୍କୁ ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବାସ, ଚିତ୍ତବିନୋଦନ ଏବଂ ଅନ୍ୟାନ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟ ସହଜରେ ପାଇବା ପାଇଁ ଭରସା ପ୍ରଦାନ । ବିଶେଷତଃ ଆର୍ଥିକ ଦୁର୍ବଳ ଏବଂ ସମାଜରେ ଗୁରୁତ୍ୱ ହରାଇଥିବା କିମ୍ବା ଅଦରକାରୀ ବର୍ଗଙ୍କୁ ବିଭିନ୍ନ ନିଷ୍ପତ୍ତିମୂଳକ କାର୍ଯ୍ୟକ୍ରମରେ ସାମିଲ୍ କରି ସେମାନଙ୍କ ମତାମତକ୍ରମେ ଜୀବନଧାରଣମାନ ଉନ୍ନତି କରିବାରେ ଭରସା ଦେବା ।

୪. 'ସ୍ଥାନର ପ୍ରଭାବ ବୟସ ବୃଦ୍ଧି କରେ' ଏହି ଧାରଣା ମନରେ ସୃଷ୍ଟି କରିବାକୁ ହେବ । ତେଣୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଘରେ ହେଉ ଅବା ବାହାରେ ଅନୁକୂଳ, ନିରାପଦ, ସୁରକ୍ଷାମୂଳକ ପରିବେଶର ଭରସା ଦେବାକୁ ହେବ, ଯେଉଁଠି ସେମାନେ ଅବହେଳା, ଦୁର୍ବ୍ୟବହାର ଓ ହିଂସାରୁ ମୁକ୍ତ ରହିପାରିବେ । ବୟସ୍କଙ୍କ ଯତ୍ନ ପାଇଁ ଆନୁଷ୍ଠାନିକ ଯତ୍ନକୁ ଶେଷ ଆଶ୍ରୟ ବା ଶେଷ ଅବଲମ୍ବନ ରୂପେ ବିବେଚନା କରାଯିବା ଉଚିତ ।

୫. ବରିଷ୍ଠ ନାଗରିକମାନଙ୍କର ସମାଜରେ ମୂଲ୍ୟ ଅଛି, ସେମାନେ ସମ୍ମାନ ଓ ଯତ୍ନ ପାଇବାକୁ ଯୋଗ୍ୟ ବୋଲି ଭରସା ସୃଷ୍ଟି କରିବାକୁ ହେବ । ଏ ସମ୍ପର୍କରେ ପରିବାରର ଭବିଷ୍ୟତ ବଂଶଧରଙ୍କୁ ଶିକ୍ଷା ଦେଇ ସେମାନଙ୍କର ସାମାଜିକ ମୂଲ୍ୟବୋଧର ବିକାଶ ଘଟାଇ ଯୁବପିଢ଼ି ଓ ପୁରାତନମାନଙ୍କ ମଧ୍ୟରେ ପରସ୍ପର ନିର୍ଭରଶୀଳତା, ଏକତା ଓ ଆଦାନପ୍ରଦାନ ଭାବ ଜାଗ୍ରତ କରିବାକୁ ହେବ ।

୬. ଲିଙ୍ଗଗତ ନିହିତାର୍ଥ ବୁଝିବାକୁ ହେବ । କାରଣ ବୟସ୍କା ମହିଳା ଓ ବୟସ୍କ ପୁରୁଷଙ୍କ ଆବଶ୍ୟକତା ସମାନ ନୁହେଁ । ସେମାନଙ୍କର କହିବା କଥା ମଧ୍ୟ ଅଲଗା ହୋଇଥାଏ । ଅତ୍ୟାବଶ୍ୟକ ସ୍ଥାନମାନଙ୍କରେ ସ୍ତ୍ରୀ-ପୁରୁଷ ସମତା ଅପରିହାର୍ଯ୍ୟ, ଯଥା– ଆୟ ନିରାପତ୍ତା, ନିଯୁକ୍ତି, ଶିକ୍ଷା, ଆବାସ, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି କ୍ଷେତ୍ରରେ ଏହା ବିଚାର କରାଯିବା ଆବଶ୍ୟକ ।

୭. ସର୍ବସାଧାରଣ ପରିସରକୁ ବରିଷ୍ଠ ନାଗରିକମାନଙ୍କୁ କୌଣସି ପ୍ରତିବନ୍ଧକ ବିନା ପ୍ରବେଶ ଅଧିକାର ।

୮. ବରିଷ୍ଠ ନାଗରିକମାନଙ୍କ ପାଇଁ ଦୀର୍ଘକାଳୀନ ଜମା ଆଦି ଆର୍ଥିକ ବା ଅନ୍ୟ କୌଣସି ସମ୍ପଦ କ୍ଷେତ୍ରରେ ପ୍ରତିବନ୍ଧକ ନାହିଁ ବୋଲି ଭରସା ସୃଷ୍ଟି କରିବାକୁ ହେବ ।

୯. ବୟସ୍କମାନଙ୍କ ପାଇଁ ଜରାଶ୍ରମ, ଦିବାଯତ୍ନ କେନ୍ଦ୍ର ପ୍ରତିଷ୍ଠା କରି ଜରାଚର୍ଯ୍ୟା ଏବଂ ପରାମର୍ଶ ଯୋଗାଇ ଆସୁଥିବା ସଂସ୍ଥାମାନଙ୍କୁ ସହାୟତା ଓ ସହଯୋଗ ପ୍ରଦାନ ।

୧୦. ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ଗବେଷଣା ଓ ବିଭିନ୍ନ ସମୟର ସର୍ବେକ୍ଷଣକୁ ପ୍ରୋତ୍ସାହନ । କାରଣ ଏହାଦ୍ୱାରା ବୟାସାଧିକ୍ୟ କାରଣରୁ ବିରକ୍ତି ଅନୁଭବ କରୁଥିବା ବୟସ୍କମାନଙ୍କର ସାମାଜିକ-ଅର୍ଥନୈତିକ ଚିତ୍ର ବିଷୟରେ ସପ୍ରମାଣ ମୂଲ୍ୟବାନ ସୂଚନା ମିଳେ, ଯାହା ସେମାନଙ୍କ ସମସ୍ୟା ସମ୍ପର୍କରେ ନୀତି ନିର୍ଦ୍ଧାରଣ ସମୟରେ ସହାୟକ ହୁଏ ।

୧୧. ବରିଷ୍ଠ ନାଗରିକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ସରକାରୀ ବିଭାଗସମୂହ, ପଞ୍ଚାୟତିରାଜ ଅନୁଷ୍ଠାନ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସର୍ବସାଧାରଣ ଏବଂ ଗୋଷ୍ଠୀଗତ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବେସରକାରୀ ସଂଗଠନ, ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡିକୁ ସାମୂହିକଭାବେ ପ୍ରୋତ୍ସାହିତ କରିବା ।

୧୨. ବୃଦ୍ଧ ପିତାମାତାଙ୍କ ପ୍ରତିପାଳନ, ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବରିଷ୍ଠ ନାଗରିକ ଆଇନ-୨୦୦୭କୁ ରାଜ୍ୟ ଅଧିକ ସାମର୍ଥ୍ୟ ପ୍ରଦାନ ସହ କାର୍ଯ୍ୟକାରୀ କରିପାରିବ ଏବଂ ଏ ସମ୍ପର୍କରେ ବିଚାରାଳୟର କାର୍ଯ୍ୟ ତଦାରଖ କରିବ, ଫଳରେ ନିଜକୁ ଚଳାଇବାକୁ ଅକ୍ଷମ ପିତାମାତାମାନେ ସେମାନଙ୍କ ପିଲାଙ୍କ ଦ୍ୱାରା ପରିତ୍ୟକ୍ତ ବା ଅବହେଳିତ ହେବେ ନାହିଁ ।

## ପରିକଳ୍ପିତ ପଦକ୍ଷେପ

ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତିର ଲକ୍ଷ୍ୟ ହେଉଛି ବରିଷ୍ଠ ନାଗରିକମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ନେତୃତ୍ୱ ନେଇ ରାଜ୍ୟ ସରକାର ଏବଂ ଏହାର ବିଭାଗମାନେ କାର୍ଯ୍ୟ କରିବାକୁ ନିର୍ଦ୍ଦିଷ୍ଟ ରଣନୀତି ସମ୍ବଳିତ ନିର୍ଦ୍ଦେଶ ପ୍ରଦାନ କରିବା ।

## ୧. ଆୟ ନିରାପତ୍ତା

୧.୧ ଓଡ଼ିଶା ସରକାର ରାଜ୍ୟର ବୟୋବୃଦ୍ଧ ବ୍ୟକ୍ତିମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟ ସରକାର ରାଜ୍ୟର ଅଭାବୀ ବରିଷ୍ଠ ନାଗରିକମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବେ । ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରି ସମୁଚିତ ପରିମାଣର ଭତ୍ତାରାଶି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ରାଜ୍ୟ ଅଧିକାରୀ ସମୟ ଅନୁସାରେ ଏକତ୍ରଭାବେ ପୁନର୍ବିଚାର କରି ଭତ୍ତାରାଶି ବଜାୟ ରଖିବାକୁ ପଦକ୍ଷେପ ନେବେ । ଯେଉଁମାନେ ଜୀବନଧାରଣ ପାଇଁ କେବଳ ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭରଶୀଳ, ସେହି ବୟସ୍କବ୍ୟକ୍ତିମାନଙ୍କ କ୍ଷେତ୍ରରେ ବିଶେଷଭାବେ ବିଚାର କରାଯିବା ଉଚିତ । ଯେଉଁ ବୟସ୍କ ବ୍ୟକ୍ତିମାନେ ଅକ୍ଷମ, ବୟସ୍କ ବିଧବା ଏବଂ ଏକୁଟିଆ ମହିଳା, ବିଶେଷତଃ ଯେଉଁମାନେ ସମ୍ପୂର୍ଣ୍ଣ ଏକୁଟିଆ ରହୁଥିବେ ସେମାନଙ୍କର ଅନ୍ୟ ସମ୍ବଳ, ସଞ୍ଚୟ ବା ଆୟ ନଥିବ, ସେ କ୍ଷେତ୍ରରେ ବିଶେଷ ସହାୟତା ଦିଆଯିବା ଉଚିତ ହେବ ।

୧.୨ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଗୁରୁତ୍ୱହୀନ ବର୍ଗର ଯେଉଁ ବରିଷ୍ଠ ନାଗରିକମାନେ ଦାରିଦ୍ର୍ୟ ସୀମାରେଖା ତଳେ ଥିବେ, ସେମାନଙ୍କ କ୍ଷେତ୍ରରେ ରାଜ୍ୟ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ସୁବିଧା ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ।

୧.୩ ରାଜ୍ୟ ସରକାରଙ୍କୁ ନିଶ୍ଚିତ କରିବାକୁ ହେବ ଯେ ପେନ୍‌ସନ୍, ଭବିଷ୍ୟନିଧି ଅର୍ଥରାଶି ଓ ଗ୍ରାଚ୍ୟୁଇଟି ଇତ୍ୟାଦି ଅଗ୍ରାଧିକାର ଭିତ୍ତିରେ ସ୍ଥିର କରିବାକୁ ହେବ ଏବଂ ବରିଷ୍ଠ ନାଗରିକ ଅବସର ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାଙ୍କର ପେନ୍‌ସନ୍ ରାଶି ପାଇବାକୁ ଯେପରି ସକ୍ଷମ ହେବେ । ପେନ୍‌ସନ୍ ସମ୍ପର୍କିତ ସମସ୍ୟାବଳୀର ବିଚାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅଗ୍ରାଧିକାର ଭିତ୍ତିରେ କରାଯିବ ।

୧.୪ ରିଜର୍ଭ ବ୍ୟାଙ୍କର କ୍ଷମତା ପରିସର ମଧ୍ୟରେ ଥିବା ସମସ୍ତ ବ୍ୟାଙ୍କ୍ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନମାନଙ୍କୁ ପରିମିତ ସୁଧ ହାରରେ ବରିଷ୍ଠ ନାଗରିକମାନଙ୍କୁ ଋଣ ଯୋଗାଇ ଦେବାକୁ ରାଜ୍ୟ ସରକାର ଉତ୍ସାହିତ କରିବେ ।

୧.୫ ଘରୋଇ ସଂଗଠନର ସହଯୋଗରେ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସହାୟତା ପାଇଁ ଅବସର ଗ୍ରହଣର ପୂର୍ବରୁ ପ୍ରାକ୍‌କାଳରେ ବିଭିନ୍ନ ପରାମର୍ଶ ପ୍ରଦାନ କରି ଅବସର ପରବର୍ତ୍ତୀ ଯୋଜନାଭାବେ ତାହା କାର୍ଯ୍ୟକାରୀ କରାଇବେ ।

୨. ସ୍ୱାସ୍ଥ୍ୟ ନିରାପତ୍ତା

ବୟୋବୃଦ୍ଧମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସ୍ୱାସ୍ଥ୍ୟ ସୁବିଧା ହିଁ ପ୍ରମୁଖ ସମସ୍ୟା । ବୟସ ବଢ଼ିବା ସହିତ ଲୋକମାନେ ଅତି ଅସୁରକ୍ଷିତ ଅନୁଭବ କରନ୍ତି, ଦୀର୍ଘସ୍ଥାୟୀ ଏବଂ ଗୁରୁତର ଅସୁସ୍ଥତା ସହ କ୍ଷତ ବା ଅକ୍ଷମତାର ଶିକାର ହୁଅନ୍ତି । ଦୀର୍ଘକାଳୀନ ଯତ୍ନର ଆବଶ୍ୟକତା, ଘରୋଇ ସେବା ଶୁଶ୍ରୂଷା, ଅସୁସ୍ଥତାର ପରିଚାଳନା ଏବଂ ପୀଡାହ୍ରାସକ ଯତ୍ନ ବୟସ ବଢ଼ିବା ସାଙ୍ଗେ ବଢ଼ି ବଢ଼ି ଚାଲେ ।

୨.୧ ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସ୍ୱାସ୍ଥ୍ୟସେବାର ପ୍ରତ୍ୟେକ ସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଇବାର ସମ୍ପୂର୍ଣ୍ଣ ବ୍ୟବସ୍ଥା ଅନୁଧ୍ୟାନ କରିବେ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ମେଡିକାଲ କଲେଜ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନକୁ ଶକ୍ତିଶାଳୀ କରିବା କ୍ଷେତ୍ରରେ ଅନୁଧ୍ୟାନ କରାଯିବ । ପ୍ରତିଷେଧକ, ରୋଗନାଶକ, ସ୍ୱାସ୍ଥ୍ୟ ଓ ଶକ୍ତିର ପୁନରୁଦ୍ଧାରକାରକ ଏବଂ ପୁନର୍ବାସମୂଳକ ସ୍ୱାସ୍ଥ୍ୟସେବା ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ ନିମନ୍ତେ ବିଶେଷ ପଦକ୍ଷେପ ଗ୍ରହଣ କରାଯିବ । ବରିଷ୍ଠ ନାଗରିକମାନଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟସୁବିଧା ପ୍ରଦାନ ସକାଶେ ଫିଜୋଥେରାପି କେନ୍ଦ୍ରର ବ୍ୟବସ୍ଥା କରିବେ ।

୨.୨ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ବ୍ୟୟ କ୍ଷମତା ମଧ୍ୟରେ ସ୍ୱାସ୍ଥ୍ୟର ଯତ୍ନ ପାଇଁ ପୂର୍ଣ୍ଣ ବ୍ୟବସ୍ଥା କରିବେ, ଗରିବମାନଙ୍କ ପାଇଁ ବିନା ମୂଲ୍ୟରେ ଏବଂ ଅନ୍ୟମାନଙ୍କ ପାଇଁ ରିହାତିର ବ୍ୟବସ୍ଥା ରହିବ । ଏହା ଚିକିତ୍ସା, ରୋଗ ନିରୂପଣ ଏବଂ ଔଷଧ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ । ରାଜ୍ୟର ମେଡିକାଲ କଲେଜ ଓ ଜିଲ୍ଲାସ୍ତରୀୟ ଚିକିତ୍ସାଳୟଗୁଡ଼ିକରେ ଜରାଚର୍ଯ୍ୟା ପାଇଁ ବିଶେଷ ବିଭାଗର ବ୍ୟବସ୍ଥା ରହିବ ।

୨.୩ ରାଜ୍ୟ ସରକାର ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଉତ୍ସର୍ଗୀକୃତ ଜରାଚର୍ଯ୍ୟା ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବେ । ସରକାରୀ ଓ ଘରୋଇ ଡାକ୍ତରଖାନା ଖୋଲି ବିଶେଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ କରାଇବାକୁ ବ୍ୟବସ୍ଥା କରିବେ । ଗ୍ରାମାଞ୍ଚଳ, ବିଶେଷତଃ ଅପହଞ୍ଚ ଇଲାକାରେ ନିୟମିତଭାବେ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରିବେ । ଦରିଦ୍ର ଓ ଅର୍ଥନୈତିକ ଅନଗ୍ରସର ଜିଲ୍ଲାଗୁଡ଼ିକ ଉପରେ ପ୍ରାଧାନ୍ୟ ଦିଆଯାଇ ସାମାଜିକ ସ୍ତରରେ ଅବହେଳିତ ବର୍ଗଙ୍କ ଉପରେ ଅଧିକ ଧ୍ୟାନ ଦିଆଯିବ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟ ସରକାର ବୟସ୍କମାନଙ୍କ ପାଇଁ ଜାତୀୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମର ପ୍ରସାର ସକାଶେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

୨.୪ ବରିଷ୍ଠ ନାଗରିକମାନଙ୍କୁ ମାନସିକ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ କରିବେ । ପାର୍କିନ୍‌ସନ୍ (ସ୍ନାୟୁରୋଗ ଯେଉଁଥିରେ ଦେହ ଥରେ, ମାଂସପେଶୀ ଦୁର୍ବଳ ହୋଇଯାଏ), ଡିମେଣ୍ଟିଆ (ଦୀର୍ଘସ୍ଥାୟୀ ମାନସିକ ବିକୃତି), ଆଲ୍‌ଝେମେର୍ (ଅକାଳବାର୍ଦ୍ଧକ୍ୟ ଘଟାଉଥିବା ମସ୍ତିଷ୍କ ରୋଗ) ଭଳି ରୋଗଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ଡାକ୍ତରଖାନାରେ ତଥା ସ୍ୱାସ୍ଥ୍ୟ କର୍ମୀମାନେ ବିଭିନ୍ନ ଅଞ୍ଚଳରେ ବୁଲି କରିବେ ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ । ଉପଯୁକ୍ତ ଚିକିତ୍ସା ସୁବିଧା ସହ ବିଶେଷ ଧରଣର ଚିକିତ୍ସାଳୟ ଏଥିପାଇଁ ପ୍ରତିଷ୍ଠା କରାଯିବ । ଏଭଳି ରୋଗଗୁଡ଼ିକର ପ୍ରତିଷେଧକ ଓ ଉତ୍ତମ ପରିଚାଳନା ନିମନ୍ତେ ରାଜ୍ୟ ସରକାର ଗୋଷ୍ଠୀଗତ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱଦେବେ ।

୨.୫ ଚଳପ୍ରଚଳ ହେବା ପାଇଁ ଏବଂ ଚଳପ୍ରଚଳ ହୋଇ ସାମାଜିକ ସାନିଧ ଲାଭ ସକାଶେ ଦାରିଦ୍ର୍ୟ ସୀମାରେଖାତଳେ ଥିବା ବୟସ୍କ ବ୍ୟକ୍ତିମାନଙ୍କୁ ହୁଇଲ୍ ଚେୟାର୍ ଓ ୱାକର୍ ଇତ୍ୟାଦି ଚଳପ୍ରଚଳ ଉପକରଣ ବିନା ମୂଲ୍ୟରେ ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବେ ।

୨.୬ ମୌଳିକ ଡାକ୍ତରୀ ଏମ୍‌ବିବିଏସ୍ ପାଠ୍ୟକ୍ରମ ଓ (ନର୍ସିଂ) ସେବିକା ପାଠ୍ୟକ୍ରମରେ ଜରାଚର୍ଯ୍ୟା ଓ ବାର୍ଦ୍ଧକ୍ୟ ପ୍ରକ୍ରିୟା ସମ୍ପର୍କିୟ ବିଜ୍ଞାନ ବିଷୟକୁ ଅନ୍ତର୍ଭୁକ୍ତ କରିବାକୁ ରାଜ୍ୟ ସରକାର ଆବଶ୍ୟକୀୟ ବ୍ୟବସ୍ଥା କରିବେ । ରାଜ୍ୟ ସରକାର ମଧ୍ୟ ସ୍ନାତକୋତ୍ତର ଡାକ୍ତରୀ ପାଠ୍ୟକ୍ରମ ଓ ସେବିକା ପାଠ୍ୟକ୍ରମ ପାଇଁ ଏହି ବିଷୟକୁ ମେଡିକାଲ କଲେଜ ଓ ନର୍ସିଂ କଲେଜରେ ପ୍ରମୁଖ ବିଷୟ ଭାବେ ଖୋଲିବାକୁ ପଦକ୍ଷେପ ଗ୍ରହଣ କରିବେ ।

୨.୭ ସରକାରଙ୍କୁ ଗବେଷଣା ସହାୟତା ଓ ବୈଷୟିକ ସହାୟତା ଯୋଗାଇବା ସକାଶେ, ରାଜ୍ୟ ସରକାର ଜରାଚର୍ଯ୍ୟା ଏବଂ ବୃଦ୍ଧାବସ୍ଥା ଓ ବାର୍ଦ୍ଧକ୍ୟ ପ୍ରକ୍ରିୟା ସମ୍ପର୍କୀୟ ବିଜ୍ଞାନ ଉପରେ ରାଜ୍ୟସ୍ତରୀୟ ପାରଦର୍ଶିତା କେନ୍ଦ୍ର ସ୍ଥାପନ କରିବେ । ରାଜ୍ୟରେ ପ୍ରଶିକ୍ଷିତ ବୃତ୍ତିଧାରୀ ସୃଷ୍ଟି ନିମନ୍ତେ ରାଜ୍ୟ ସରକାର ସାମାଜିକ କାର୍ଯ୍ୟ ବିଷୟରେ ଜରାଚର୍ଯ୍ୟା ଏବଂ ବାର୍ଦ୍ଧକ୍ୟ ପ୍ରକ୍ରିୟା ବିଭାଗରେ ବିଜ୍ଞାନ ବିଷୟକୁ ଅନ୍ତର୍ଭୁକ୍ତ କରିବାକୁ ଉଦ୍ୟମ କରିବେ ।

୨.୮ ବରିଷ୍ଠ ନାଗରିକଙ୍କ ଲାଗି ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ଓ ପୁଷ୍ଟିହୀନତା ବିଷୟରେ ଗୋଷ୍ଠୀସ୍ତରୀୟ କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ରାଜ୍ୟ ସରକାରଙ୍କ କୋଠାବାଡି ଓ ସରକାରୀ ସ୍ଥାନକୁ ବ୍ୟବହାର କରାଯାଇପାରିବ । ଏହା ବୟସ୍କମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିବା ଆବଶ୍ୟକ ।

୨.୯ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ପୂର୍ଣ୍ଣ ବ୍ୟବସ୍ଥା କରିବେ ଯାହା  ସେମାନେ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟ ଓ ପୁଷ୍ଟିହୀନତା ସମ୍ପର୍କିତ ବିଷୟ ଉପରେ ଆଧାରିତ ହୋଇଥିବ । ବୟସ୍କମାନଙ୍କ ଲାଗି ଉତ୍ତମ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ଏହା ସହାୟକ ହେବ । ମହିଳାମାନଙ୍କ କ୍ଷେତ୍ରରେ ଦୃଢ ସ୍ୱାସ୍ଥ୍ୟ ସଚେତନତା ପାଇଁ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ, ଯାହାଦ୍ୱାରା ସେମାନେ ରଜୋନିବୃତ୍ତିକାଳ, ପ୍ରଜନନ ପରବର୍ତ୍ତୀ ସ୍ୱାସ୍ଥ୍ୟ, କ୍ୟାନ୍‌ସର ଓ ପୁଷ୍ଟିଗତ ସମସ୍ୟା ବିଷୟରେ ସଚେତନ ହୋଇପାରିବେ ।

୨.୧୦ ପ୍ରତିଷେଧକ ବ୍ୟବସ୍ଥା ଏବଂ ଆୟୁର୍ବେଦ, ଯୋଗ, ପ୍ରାଣାୟମ ଓ ଧ୍ୟାନ ପରି ବିକଳ୍ପ ସ୍ୱାସ୍ଥ୍ୟସେବାକୁ ବୟସ୍କମାନଙ୍କ ହିତ ପାଇଁ ରାଜ୍ୟରେ ପ୍ରୋତ୍ସାହିତ କରାଯିବ ।

୩. ନିରାପତ୍ତା ଓ ସୁରକ୍ଷା

୩.୧ ବୟସ୍କ ଓ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ପ୍ରମୁଖ ସମସ୍ୟାବଳୀ ମଧ୍ୟରୁ ଗୋଟିଏ ମୁଖ୍ୟ ସମସ୍ୟା ହେଲା ଅବହେଳା ଓ ଦୁର୍ବ୍ୟବହାର । ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ଅଧିକାରଙ୍କୁ ସମର୍ଥନ କରି ସେମାନେ ସମ୍ମୁଖୀନ ହେଉଥିବା ସବୁପ୍ରକାର ଅବହେଳା ଓ ଦୁର୍ବ୍ୟବହାରକୁ ପ୍ରତିରୋଧ କରିବାକୁ ପ୍ରତିଶ୍ରୁତିବଦ୍ଧ ।

୩.୨ ଯଦି ବରିଷ୍ଠ ନାଗରିକମାନଙ୍କର ଅଧିକାର, କୌଣସି ଭାବରେ ଅବହେଳା ବା ଦୁର୍ବ୍ୟବହାର ଯୋଗୁଁ କ୍ଷୁର୍ଣ୍ଣ ହେଉଥାଏ, ତେବେ ସେମାନେ କିପରି ସହଜରେ ତା ବିରୁଦ୍ଧରେ ଅଭିଯୋଗ ଆଣିପାରିବେ, ରାଜ୍ୟ ସରକାର ସେ ବିଷୟରେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବେ । ବୟସ୍କମାନେ ସମ୍ମୁଖୀନ ହେଉଥିବା ଅବହେଳା ଓ ଦୁର୍ବ୍ୟବହାର ସମସ୍ୟା ପ୍ରତି ପୁଲିସକୁ ତତ୍ପରତାର ସହିତ  ଗମ୍ଭୀରତା ନେଇ ବିଚାର କରିବାକୁ ହେବ । ଏଭଳି ଅବହେଳା ଓ ଦୁର୍ବ୍ୟବହାର ସମ୍ପର୍କରେ ଜଣାଇବାକୁ ଏକ 'ଟୋଲ୍ ଫ୍ରି ନମ୍ବର' ଖୋଲାଯିବ । ତଦାରଖ ସହ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯିବ ।

୩.୩ ସ୍ଥାନୀୟ ଥାନା, ଫାଣ୍ଡି ବା ପୁଲିସ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକମାନଙ୍କ ବିଷୟରେ ତଥ୍ୟ କମ୍ପ୍ୟୁଟରରେ ଗଚ୍ଛିତ ତଥ୍ୟ ହିସାବରେ ରଖିବାକୁ ରାଜ୍ୟ ସରକାର ବ୍ୟବସ୍ଥା କରିବେ । ଏକୁଟିଆ ରହୁଥିବା ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ପୁଲିସ ସଜାଗ ରହିବେ। ବରିଷ୍ଠ ନାଗରିକଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗର ଦ୍ରୁତ ପ୍ରତିବିଧାନ ସହ

ସେମାନଙ୍କ ସୁରକ୍ଷା ବିଷୟରେ ନିୟମିତ ବ୍ୟବଧାନରେ ସେମାନଙ୍କ ସହ ଆଲୋଚନା କରି ପୁଲିସ କିପରି ପଦକ୍ଷେପ ନେବେ ସେହି ପ୍ରଣାଳି ରାଜ୍ୟ ସରକାର ସ୍ଥିର କରିବେ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଜବରଦଖଲ ଓ ଅନୈତିକ ଅଧିକାର ବିଷୟରେ ସତର୍କ ରହି ପୁଲିସ ଅଗ୍ରାଧିକାର ଭିତ୍ତିରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।

୩.୪ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ବିନା ଖର୍ଚ୍ଚରେ ନ୍ୟାୟିକ ସହାୟତା ପ୍ରଦାନର ବ୍ୟବସ୍ଥା କରିବେ । ପ୍ରତି ଜିଲ୍ଲାରେ ଏବଂ ଉଚ୍ଚ ନ୍ୟାୟାଳୟରେ ମାଗଣା ଆଇନ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି କେନ୍ଦ୍ରଗୁଡ଼ିକ ବୟୋବୃଦ୍ଧ ବ୍ୟକ୍ତିମାନଙ୍କୁ ଉତ୍ସର୍ଗୀକୃତ ବିଶେଷ ସେବା ଯୋଗାଇଦେବେ ଏବଂ ଏସବୁ ବର୍ତ୍ତମାନ ରହିଥିବା ନ୍ୟାୟିକ ସହାୟତା କେନ୍ଦ୍ରଠାରୁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବେ ।

୩.୫ ରାଜ୍ୟ ସରକାର ବିଭିନ୍ନ ସାମାଜିକ କର୍ମୀଙ୍କୁ ବରିଷ୍ଠ ନାଗରିକଙ୍କ ବିରୁଦ୍ଧରେ ହେଉଥିବା ଅବହେଳା ବା ଦୁର୍ବ୍ୟବହାର ଘଟଣା ଅନୁଧ୍ୟାନ କରି ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଜଣାଇବା ସକାଶେ ପ୍ରୋତ୍ସାହିତ କରିବେ ।

୩.୬ ବରିଷ୍ଠ ନାଗରିକଙ୍କ ବିରୁଦ୍ଧରେ ହେଉଥିବା ଉତ୍ପୀଡ଼ନ, ଅବହେଳା, ଦୁର୍ବ୍ୟବହାର ଓ ପ୍ରତାରଣା ପାଇଁ କଠୋର ଦଣ୍ଡବିଧାନ ସକାଶେ ରାଜ୍ୟ ସରକାର ଆବଶ୍ୟକୀୟ ନ୍ୟାୟିକ ବ୍ୟବସ୍ଥା କରିବେ ।

୩.୭ ବରିଷ୍ଠ ନାଗରିକଙ୍କ ଅଧିକାର ଏବଂ ସେମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଓ ଅବହେଳାକୁ ଅନୁଧ୍ୟାନ କରି ଏ ବିଷୟରେ ସାମ୍ବିଧାନିକ ବିଧି ମଧ୍ୟରେ ଥିବା ନ୍ୟାୟିକ ବ୍ୟବସ୍ଥା ଉପରେ ପଞ୍ଚାୟତଠାରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଓ ଶିବିରର ଆୟୋଜନ ରାଜ୍ୟ ସରକାର କରାଇବେ । ଜନସାଧାରଣଙ୍କ ପାଇଁ ବାର୍ଦ୍ଧକ୍ୟଜନିତ ସମସ୍ୟା ଓ ବରିଷ୍ଠ ନାଗରିକଙ୍କୁ ଯତ୍ନ ଓ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ସଚେତନତା ଶିବିର ମଧ୍ୟ ରାଜ୍ୟ ସରକାର ଆୟୋଜନ କରିବେ ।

୩.୮ ବରିଷ୍ଠ ନାଗରିକମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର, ଅପରାଧ ଓ ଅବହେଳାକୁ ସାମାଜିକ ସ୍ତରରେ ଅନୁଧ୍ୟାନ କରି ନିର୍ଦ୍ଦିଷ୍ଟ ସାମାଜିକ ପ୍ରଣାଳୀରେ  ପଦକ୍ଷେପ ନେବାକୁ ରାଜ୍ୟ ସରକାର ପ୍ରୋତ୍ସାହନ ପ୍ରଦାନ କରିବେ ।

## ୪. ବରିଷ୍ଠ ନାଗରିକମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ

୪.୧ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କର ଜାତି ନିର୍ମାଣରେ ନିବେଦିତ ଅତ୍ୟଧିକ ଅବଦାନକୁ ସ୍ୱୀକାର କରନ୍ତି ଏବଂ ସେଇଥିପାଇଁ ବରିଷ୍ଠ ନାଗରିକମାନଙ୍କୁ ଯଥାସମ୍ଭବ ସାମାଜିକ ନିରାପତ୍ତା ଓ ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇବାକୁ ପ୍ରତିବଦ୍ଧ ।

୪.୨ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଆବଶ୍ୟକୀୟ ସୁବିଧା ସୁଯୋଗ ଓ ସହାୟକ ସେବା ପ୍ରଦାନ କରିପାରୁଥିବା ଜରାନିବାସର ବ୍ୟବସ୍ଥା କରିବେ । ବିଭିନ୍ନ ସମୟରେ ଏଭଳି ଜରାନିବାସ ଆବଶ୍ୟକତାର ପୁନର୍ବିଚାର କରାଯାଇ ନୂତନ ଜରାନିବାସ ପ୍ରତିଷ୍ଠା, ପ୍ରସାରଣ ବା ପୁନର୍ନବୀକରଣର ନିଷ୍ପତ୍ତି ଗ୍ରହଣ କରାଯିବ । ଆବଶ୍ୟକତା ଅନୁସାରେ ଅଭାବଗ୍ରସ୍ତ ନିଃସ୍ୱ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହିବା ଗୃହ ବା ଗୃହହୀନଙ୍କ ପାଇଁ ଆବାସସ୍ଥଳ ପ୍ରତିଷ୍ଠା କରାଯିବ । ରାଜ୍ୟ ସରକାର ଦିବା ଯତ୍ନ କେନ୍ଦ୍ର ପ୍ରତିଷ୍ଠା କରିବା ସହ ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତବିନୋଦନ ସୁବିଧାର ବ୍ୟବସ୍ଥା ମଧ୍ୟ କରିବେ ।

୪.୩ ବରିଷ୍ଠ ନାଗରିକ ସଂଗଠନକୁ ପ୍ରୋତ୍ସାହିତ କରାଯିବ । ପ୍ରଶିକ୍ଷଣ ଓ ପରାମର୍ଶ ଜରିଆରେ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ମନୋଭାବ ଜାଗ୍ରତ କରାଇବେ ।

୪.୪ ବୟସ୍କମାନଙ୍କ ଲାଗି ରାଜ୍ୟ ସରକାର ଗୋଷ୍ଠୀଭିତ୍ତିକ ଏବଂ ଅବସର ବିନୋଦନ, କ୍ରୀଡ଼ା ଓ ସାଂସ୍କୃତିକ କ୍ରିୟାକଳାପକୁ ପ୍ରୋତ୍ସାହିତ କରିବେ । ଏହାଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ଜାଗ୍ରତ ହେବା ସହ ସାମାଜିକ ଦାୟିତ୍ୱବୋଧର ଅଭିବୃଦ୍ଧି ଘଟିବ ।

୪.୫ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ଥିରୀକୃତ ଯୋଜନାଗୁଡ଼ିକର ନିର୍ଦ୍ଧାରିତ ସମୟରେ ଦାୟିତ୍ୱପୂର୍ଣ୍ଣ ସ୍ୱଚ୍ଛ ରୂପାୟନ ପାଇଁ ପଞ୍ଚାୟତ ସ୍ତରରେ ରାଜ୍ୟ ସରକାର ଆବଶ୍ୟକୀୟ ବ୍ୟବସ୍ଥା କରିବେ । ପ୍ରତି ସ୍ତରରେ ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକର

ପୁର୍ନବିଚାର ସମୟରେ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ନିଶ୍ଚୟ ସମ୍ପୃକ୍ତ କରିବେ । ପଞ୍ଚାୟତମାନଙ୍କୁ ବରିଷ୍ଠ ନାଗରିକ ମଙ୍ଗଳ କୈନ୍ଦ୍ରିକ ଅଭିନବ କାର୍ଯ୍ୟକ୍ରମ ଓ କ୍ରିୟାକଳାପର ସଞ୍ଚାଳକ ରୂପେ କ୍ଷମତା ପ୍ରଦାନ କରିବାକୁ ହେବ ।

୪.୬ ରାଜ୍ୟ ସରକାର ସର୍ବସାଧାରଣ ପରିବହନ ବ୍ୟବସ୍ଥାରେ ବସିବା ସ୍ଥାନ ସଂରକ୍ଷିତ ଭାବେ ରଖିବାର ବ୍ୟବସ୍ଥା କରିବେ । ସର୍ବସାଧାରଣ ପରିବହନ ବ୍ୟବସ୍ଥାରେ ବରିଷ୍ଠ ନାଗରିକଙ୍କ ପାଇଁ ଭଡାରେ ରିହାତି ସହ ପରିବହନ ବ୍ୟବସ୍ଥା ଅଧିକ ସହଜ ହେବ ।

୪.୭ ସର୍ବସାଧାରଣ ସ୍ଥାନ, ଯଥା– ବସ୍ ଓ ରେଳ ଷ୍ଟେସନ୍, ସରକାରୀ ଅଫିସ୍, ସରକାରୀ ଓ ଘରୋଇ କୋଠାବାଡ଼ି, ବ୍ୟାଙ୍କ୍, ଡାକ୍ତରଖାନା, ଉପାସନା ପୀଠ, ଗୋଷ୍ଠୀକେନ୍ଦ୍ର, ଚିତ୍ତ ବିନୋଦନ ସ୍ଥଳ, ସିନେମାହଲ୍, ବଜାର, ପାର୍କ ଇତ୍ୟାଦିରେ ବରିଷ୍ଠ ନାଗରିକଙ୍କ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ । ସବୁଠାରେ ଉଚ୍ଚସ୍ଥାନକୁ ଯିବା ପାଇଁ ଗଡାଣିଆ ଚଟାଣ ସହ ହାତରେ ଧରି ଯିବା ପାଇଁ ଲୁହା ରେଲିଂର ବାଡ ରହିବ । ଶୌଚାଳୟ, ବସିବା ସ୍ଥାନ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ରହିବ ଯାହା ବୟସ୍କ ନାଗରିକଙ୍କୁ ପ୍ରତିବନ୍ଧକରୁ ମୁକ୍ତ କରିବ ।

୪.୮ ରାଜ୍ୟ ସରକାର ସର୍ବସାଧାରଣ ପରିବହନ, ଷ୍ଟେସନ୍, ଡାକ୍ତରଖାନା, ସରକାରୀ ଅଫିସ, ସୁବିଧାକେନ୍ଦ୍ର ଓ ଚିତ୍ତ ବିନୋଦନ କେନ୍ଦ୍ରମାନଙ୍କରେ ଅଲଗା ଧାଡି ଓ କାଉଣ୍ଟରର ଆବଶ୍ୟକୀୟ ବ୍ୟବସ୍ଥା ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ କରିବେ ।

୪.୯ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଜାତୀୟ ଜରୁରୀ ପରିସ୍ଥିତି ସମୟରେ ଓ ତା'ପରେ ବରିଷ୍ଠ ନାଗରିକମାନଙ୍କୁ ସମାନ ବା ଅଗ୍ରାଧିକାରଭିତ୍ତିକ ବ୍ୟବହାର ନିମନ୍ତେ ଖାଦ୍ୟ, ବାସସ୍ଥାନ, ଚିକିତ୍ସା ସୁବିଧା ଓ ଅନ୍ୟାନ୍ୟ ସେବା ଉପଲବ୍ଧ ହେବ । ବରିଷ୍ଠ ନାଗରିକମାନେ ସେମାନଙ୍କ ଗୃହର ପୁନର୍ନିର୍ମାଣ ଓ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଆର୍ଥିକ ସହାୟତା ସୁଯୋଗ ଲାଭ କରିବେ ।

୪.୧୦ ବରିଷ୍ଠ ନାଗରିକଙ୍କ ନିମନ୍ତେ ରାଜ୍ୟ ସରକାର ସବୁପ୍ରକାର ବେସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର ସାହାଯ୍ୟ, ସହଯୋଗ ଆଦିକୁ ପ୍ରୋତ୍ସାହିତ କରିବେ । ଏମାନେ ପରାମର୍ଶ, ଉପାର୍ଜନର ଉପାୟ, କଥାବାର୍ତ୍ତାରେ ବ୍ୟାବହାରିକ ପରିବର୍ତ୍ତନ, ସଚେତନତା, ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ, ଗବେଷଣା, ବାସଗୃହ ନିର୍ମାଣ ଏବଂ ବରିଷ୍ଠ ନାଗରିକଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କିତ ସେବା ସମ୍ପର୍କରେ ସହଯୋଗ କରିପାରିବେ ।

### ୫. ଉପାର୍ଜନକ୍ଷମ ବୟସ୍କ

୫.୧ ଯେହେତୁ ବରିଷ୍ଠ ନାଗରିକମାନଙ୍କର ଅନେକ ବର୍ଷର ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତା ରହିଛି, ରାଜ୍ୟ ସରକାର ସେମାନଙ୍କ ଜ୍ଞାନକୁ ଉପଯୋଗୀ ମନେକରି ପୁନର୍ନିଯୁକ୍ତି ସୁଯୋଗ ଦ୍ୱାରା ସେମାନଙ୍କୁ ସାମାଜିକ ହିତସାଧନରେ ସାମିଲ କରିବେ ।

୫.୨ ରାଜ୍ୟ ସରକାର ଅବସର ପରବର୍ତ୍ତୀ ନିଯୁକ୍ତି ସୁଯୋଗ ପାଇଁ ଆବଶ୍ୟକ ବ୍ୟବସ୍ଥା କରିପାରିବେ । କର୍ମ ନିୟୋଜନ ନିର୍ଦ୍ଦେଶାଳୟ ବରିଷ୍ଠ ନାଗରିକମାନଙ୍କୁ ବେସରକାରୀ ଓ ସରକାରୀ ସଂସ୍ଥାରେ ଆବଶ୍ୟକତା ଅନୁସାରେ ପୁନର୍ନିଯୁକ୍ତିର ସୁଯୋଗ ଦେଇପାରିବେ ।

### ୬. ଆନ୍ତଃ–ପିଢିଗତ ସୌହାର୍ଦ୍ଦ୍ୟ

୬.୧ ରାଜ୍ୟ ସରକାର ପାରିବାରିକ ସ୍ନେହ ସମ୍ପର୍କକୁ ଦୃଢ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ, ଯାହା ଫଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ପରିବାର ହିଁ ପ୍ରାଥମିକ ଯତ୍ନ ଓ ସହଯୋଗର ସ୍ଥଳରୂପେ ଆବିର୍ଭୂତ ହେବ । ରାଜ୍ୟ ସରକାର ଉନ୍ନତ ପାରିବାରିକ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଏ ବିଷୟକ ବିଭିନ୍ନ ବିଶେଷ କାର୍ଯ୍ୟକ୍ରମ ଆରମ୍ଭ କରିବେ ଏବଂ ବରିଷ୍ଠ ନାଗରିକମାନଙ୍କର ପରିବାର, ସମାଜ ଓ ଜାତିପ୍ରତି ଥିବା ଅବଦାନକୁ ସମସ୍ତଙ୍କ ଅବଗତିକୁ ଆଣିବେ । ବୟସ୍କଙ୍କ ପ୍ରତି ସମ୍ମାନ, ସହନଶୀଳତା, ସ୍ନେହ, ସମବେଦନା ଭଳି ମୂଲ୍ୟବୋଧଗୁଡିକୁ ବିଦ୍ୟାଳୟର ପାଠ୍ୟକ୍ରମ, କ୍ଲବ୍, ସ୍କୁଲ, କଲେଜ, ଧାର୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ଇତ୍ୟାଦି ମାଧ୍ୟମରେ ଯୁବକ ଓ ପିଲାମାନଙ୍କ ମନରେ ଦୃଢୀକରଣ କରିବା ଉଚିତ ।

୬.୨ ରାଜ୍ୟ ସରକାର ବାର୍ଦ୍ଧକ୍ୟ ଅବସ୍ଥା ବିଷୟରେ ସର୍ବସାଧାରଣଙ୍କୁ ଶିକ୍ଷା ଦେବା ନିମନ୍ତେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବେ । ଏଭଳି ଶିକ୍ଷା ପିଲାଦିନରୁ ଉଭୟ ପାରମ୍ପରିକ ଶିକ୍ଷା ଓ ଅଣ-ପାରମ୍ପରିକ ଶିକ୍ଷା ପଦ୍ଧତି ମାଧ୍ୟମରେ ପ୍ରଚଳିତ ହେବ । ଫଳରେ ବାର୍ଦ୍ଧକ୍ୟ ଏକ ସ୍ୱାଭାବିକ ପ୍ରକ୍ରିୟା ବୋଲି ସର୍ବଦା ସମସ୍ତଙ୍କର ଧାରଣା ରହିବ ।

### ୭. ଗଣମାଧ୍ୟମର ସମ୍ପୃକ୍ତି

୭.୧ ନୀତି ପ୍ରଣେତା ଓ ସର୍ବସାଧାରଣଙ୍କ ମନ ମଧ୍ୟରେ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ପରିପାଳିତ କରିବା କ୍ଷେତ୍ରରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ସରକାର ବାର୍ଦ୍ଧକ୍ୟ ଓ ବୟସ୍କଙ୍କ ସମ୍ପର୍କିତ ସମସ୍ୟାବଳୀ ଉପରେ ଗଣମାଧ୍ୟମ ସହ ଘନିଷ୍ଠ ଭାବେ କାନ୍ଧକୁ କାନ୍ଧ ମିଶାଇ ସାମାଜିକ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାକୁ କାର୍ଯ୍ୟ କରିବାକୁ ଚାହାଁନ୍ତି । ଏଥିପାଇଁ ସରକାର ଖବରକାଗଜ, ଇଲେକ୍ଟ୍ରୋନିକ୍ ଓ ସାମାଜିକ ଗଣମାଧ୍ୟମ, ପଥପ୍ରାନ୍ତ ନାଟକ, ଟେଲିଭିଜନ ଚାନେଲ୍, ହୋର୍ଡିଙ୍ଗ୍, ବ୍ୟାନର, ପୋଷ୍ଟର, ପୁସ୍ତିକା ଏବଂ ଜନଗଣଙ୍କୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ମାଧ୍ୟମର ସାହାଯ୍ୟ ନେଇ ସାଧାରଣ ଜନତାଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିବେ । ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ରାଜ୍ୟ ସରକାର ଗଣମାଧ୍ୟମ ସହ ମିଳିତ ଭାବେ ହିଁ କାର୍ଯ୍ୟ କରିବେ ।

### ୮. ଅକ୍ଷମତା ଓ ଲିଙ୍ଗଗତ ସମସ୍ୟା

୮.୧ ଯେ କୌଣସି ପ୍ରକାର ଅକ୍ଷମତା ରହିଥିବା ବରିଷ୍ଠ ନାଗରିକ ଓ ବୟୋବୃଦ୍ଧା ମହିଳାମାନେ ଉପରବର୍ଣ୍ଣିତ ସମସ୍ତ ନୀତି ଅନୁସାରେ ଅଗ୍ରାଧିକାର ଭିତ୍ତିରେ ସୁବିଧା ସୁଯୋଗ ପାଇବେ ।

### ୯. ପୁରସ୍କାର ଓ ସ୍ୱୀକୃତି

୯.୧ ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ଅକ୍ଟୋବର ମାସର ପ୍ରଥମ ଦିବସକୁ ଆନ୍ତର୍ଜାତୀୟ ବୟସ୍କଜନ ଦିବସରୂପେ ରାଜ୍ୟ ସରକାର ପାଳନ କରିବେ । ଏହି ଦିନର ସ୍ମୃତିକୁ ମନେରଖିବାକୁ ରାଜ୍ୟ ସରକାର ସେମିନାର, କର୍ମଶାଳା, କ୍ରୀଡା, ଇତ୍ୟାଦି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବେ । ଏହି ଅବସରରେ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ବରିଷ୍ଠ ନାଗରିକମାନଙ୍କୁ ଏବଂ ବୟସ୍କଙ୍କ ପାଇଁ ଉଦ୍ୟମ ଜାରି ରଖିଥିବା ସଚେତନ ନାଗରିକମାନଙ୍କୁ ବା ସଂଗଠନଗୁଡିକୁ ସମ୍ମାନିତ କରିବେ ।

### ସମ୍ପାଦନ, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସଂଯୋଗ ସ୍ଥାପନକାରୀ ସଂସ୍ଥାଭାବେ ବିଭିନ୍ନ ବିଭାଗ ସହ ସମନ୍ୱୟ ସ୍ଥାପନପୂର୍ବକ ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ନୀତି କ୍ଷେତ୍ରରେ ସବୁ ବିଭାଗକୁ ଏକାଭିମୁଖୀ କରିଥାଏ ।

ଏହି ନୀତିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବାଲାଗି ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ପରିଷଦ, ଉଚ୍ଚସ୍ତରୀୟ ସମନ୍ୱୟ ରକ୍ଷାକାରୀ କମିଟି, ବୈଷୟିକ ପରାମର୍ଶଦାତା କମିଟି ଗଠନ କରାଯିବ ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବଜେଟ୍ ବା ଅର୍ଥ ଅଟକଳକୁ ଦେଖି, ସମାଜ ଓ ବରିଷ୍ଠ ନାଗରିକମାନଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକ୍ରମର ଆୟୋଜନ କରିବେ ।

ସମାଜରେ ବାସ୍ତବ ଏବଂ ଅଧିକ ଅନୁଭୂତ ଆବଶ୍ୟକତାକୁ ଚାହିଁ ଦୂରଦୃଷ୍ଟିଯୁକ୍ତ ପୃଷ୍ଠଭୂମି ଉପରେ କାର୍ଯ୍ୟକ୍ରମ ରୂପାୟନର ଆଧାର ଗଢ଼ା ହେବା ଉଚିତ । ସମ୍ବଳର ଉପଲବ୍ଧତାକୁ ଦୃଷ୍ଟିରେ ରଖି ସଂଯୋଗ ସ୍ଥାପନକାରୀ ବିଭାଗ ସ୍ୱଳ୍ପମିଆଦୀ ଅଥବା ଦୀର୍ଘମିଆଦୀ ଅର୍ଥାତ୍ ଏକବର୍ଷଠାରୁ ଆରମ୍ଭ କରି ପାଞ୍ଚବର୍ଷିଆ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଦକ୍ଷେପ ଗ୍ରହଣ କରିବେ ।

କାର୍ଯ୍ୟର ରୂପାୟନ ସମ୍ପୂର୍ଣ୍ଣ ଯାଞ୍ଚ ପ୍ରକ୍ରିୟା ଓ ମୂଲ୍ୟାୟନ ମଧ୍ୟରେ ଚାଲୁରହିବ । ଯେଉଁଥିରେ ସମ୍ଭାବିତ ଆହ୍ୱାନର ଆଶଙ୍କା ଥାଏ, ଯାହାକୁ ଜାଣିବାକୁ ହିଁ ପଡିବ । କାର୍ଯ୍ୟ ରୂପାୟନକାରୀ ସଂସ୍ଥାର ଶକ୍ତି ଓ ସାମର୍ଥ୍ୟ କଳନା କରି ଉପଯୁକ୍ତ

ସଫଳତା ମିଳୁଛି ନା ନାହିଁ ଦେଖିବାକୁ ହେବ । ନୀତି ଆଧାରରେ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ସର୍ବଶ୍ରେଷ୍ଠ ବିକଳ୍ପ ପଦକ୍ଷେପ ମଧ୍ୟ ଗ୍ରହଣ କରାଯିବ ।

ମୂଳ ସଂସ୍ଥା ତତ୍ପରତାର ସହିତ ଦାୟିତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କୁ ନିୟୋଜିତ କରିବ, ଯେଉଁମାନେ ପ୍ରଶିକ୍ଷିତ ଓ ଉତ୍ସର୍ଗୀକୃତ ନିରାପତ୍ତା ଅଧିକାରୀଭାବେ ପ୍ରଭାବଶାଳୀ ସେବା ଯୋଗାଇବାକୁ ସକ୍ଷମ ହେବେ ।

ଏହି ପ୍ରକ୍ରିୟା ସ୍ୱଚ୍ଛ ରହିବ ଏବଂ ନିୟୋଜିତ ବ୍ୟକ୍ତିମାନଙ୍କ ସହ ସାଧାରଣବର୍ଗଙ୍କୁ ମଧ୍ୟ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ଆମନ୍ତ୍ରଣ କରାଯିବ ।

ନିରନ୍ତର ପୁର୍ନବିଚାର, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ ହେତୁ ମୂଳ ସଂସ୍ଥାଟି ବେଶ୍ ଉତ୍ତମଭାବେ ପରିକଳ୍ପିତ ପ୍ରକ୍ରିୟା ଭିତ୍ତିରେ ପ୍ରତିଷ୍ଠିତ ହେବ ଏବଂ ଏହା ସାମାଜିକ ସୁରକ୍ଷା ଉପରେ ପ୍ରଗତିଶୀଳ ଓ ପ୍ରଶଂସନୀୟ ପଦକ୍ଷେପ ନେଇପାରିବ ।

ବରିଷ୍ଠ ନାଗରିକମାନଙ୍କ ଜୀବନର ସାମଗ୍ରିକ ସମୃଦ୍ଧି ଓ ଉନ୍ନତି ଫଳରେ ସ୍ୱୀକୃତି ଓ ଆଦୃତି ଲାଭ ସହ ଏହି ନୀତି ପ୍ରୋତ୍ସାହିତ ହେବ ଏବଂ ଅଧିକ ଉଦ୍ୟମ ଜାରି ରଖିବ ।

## ମଧୁବାବୁ ପେନ୍‌ସନ୍ ଯୋଜନା

ବୟୋବୃଦ୍ଧ, ରୁଗ୍‌ଣ, ଅକ୍ଷମ ଏବଂ ବିଧବାମାନଙ୍କ ଉପାର୍ଜନ ଅସାମର୍ଥ୍ୟର କ୍ଷତି ଭରଣା ପାଇଁ ଏବଂ ଆସନ୍ନ ଦୁଃସ୍ଥତାରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ମଧୁବାବୁ ପେନ୍‌ସନ୍ ଯୋଜନାର ପ୍ରଚଳନ କରି ଅଛନ୍ତି । ବିଭିନ୍ନ ସମୟରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମାସିକ ପେନ୍‌ସନ୍ ଆକାରରେ ନିୟମିତ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥାଏ । ୨୨ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏହାଦ୍ୱାରା ଉପକୃତ ହେଉଛନ୍ତି ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ସବୁ ଧର୍ମର ଦରିଦ୍ର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥଯାତ୍ରାରେ ଯିବା ପାଇଁ ଓଡ଼ିଶା ସରକାର ରେଳଯାତ୍ରା ଦ୍ୱାରା ବିଭିନ୍ନ ସ୍ଥାନ ଦର୍ଶନର ବ୍ୟବସ୍ଥା କରିଅଛନ୍ତି । ଏଥିରେ ସରକାର ଯାତ୍ରାକାଳୀନ ବୀମା ବ୍ୟବସ୍ଥା କରନ୍ତି ଏବଂ ଖାଦ୍ୟ, ରହଣି, ସଡକ ପଥରେ ଭ୍ରମଣ, ସାଥୀରେ ଯତ୍ନ ନେବା ପାଇଁ ଯାଉଥିବା ବ୍ୟକ୍ତି, ଯାତ୍ରାକାଳୀନ ଉପକରଣ, ସ୍ୱାସ୍ଥ୍ୟ ସୁବିଧା ସହ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଯାଉଥିବା ବୃତ୍ତିନିପୁଣ ବ୍ୟକ୍ତି ଇତ୍ୟାଦି ବାବଦରେ ସମସ୍ତ ବ୍ୟୟଭାର ବହନ କରିଥାନ୍ତି ।

❖ ❖ ❖